# NATIONAL NEWS BULLETIN (ODIA)

## 18 February-2025

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଦୁଇ ଦିନିଆ ଭାରତ ଗସ୍ତରେ ଆସି ପହଞ୍ଚିଲେ କତାର୍‌ର ଅମିର୍ ।

– ଆଜି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସହ କରିବେ ଦ୍ୱିପାକ୍ଷିକ ବୈଠକ ।

- ଦେଶର ମୁଖ୍ୟ ନିର୍ବାଚନ କମିଶନର ଭାବେ ୧୯୮୮ ବ୍ୟାଚ୍‌ର ଆଇ.ଏ.ଏସ୍. ଅଧିକାରୀ ଜ୍ଞାନେଶ କୁମାର ନିଯୁକ୍ତ ।

- ମହାକୁମ୍ଭରେ ସ୍ନାନ କଲେ କାଶି-ତାମିଲ୍ ସଙ୍ଗମମ୍‌ର ୨୦୦ ପ୍ରତିନିଧି ।

- ଜାତୀୟ ପାରା ଆଥଲେଟିକ୍ସ ଚମ୍ପିୟାନ୍‌ସିପ୍‌ର ଆଜି ଆରମ୍ଭ ହେବ ୨୩ତମ ସଂସ୍କରଣ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟାରେ ହେବ ଗୁଜରାଟ ଜାଏଣ୍ଟସ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ।

# କତାର-ଅମିର ଭିଜିଟ୍

କତାରର ଅମିର୍ ଶେଖ୍ ତମିମ୍ ବିନ୍ ହମାଦ୍ ଅଲ୍-ଥାନି ଦୁଇ ଦିନିଆ ସରକାରୀ ଗସ୍ତରେ ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ତାଙ୍କ ସହ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ବ୍ୟବସାୟିକ ପ୍ରତିନିଧି ଦଳ ଭାରତ ଆସିଛନ୍ତି । ସେ ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ସ୍ୱାଗତ କରିଥିଲେ ।

ଆଜି ରାଷ୍ଟ୍ରପତି ଭବନରେ କତାରର ଅମିର୍‌ଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବ । ଏହି ଗସ୍ତ ସମୟରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ରାଷ୍ଟ୍ରପତି ମଧ୍ୟ ଅମିର୍‌ଙ୍କ ସମ୍ମାନାର୍ଥେ ଭୋଜିର ଆୟୋଜନ କରିବେ । ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

କତାର୍‌ର ଅମିରଙ୍କ ଗସ୍ତ ସମୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି ଏବଂ ପ୍ରଯୁକ୍ତି ବିଦ୍ୟା ସହଯୋଗ ସମ୍ପର୍କରେ ଦ୍ୱିପାକ୍ଷିକ ଆଲୋଚନା ମୁଖ୍ୟ ପ୍ରସଙ୍ଗ ହେବ । ଭାରତ ଏବଂ କତାର୍ ମଧ୍ୟରେ ଏକ ଦୃଢ଼ ଅର୍ଥନୈତିକ ସହଯୋଗ ରହିଛି ଏବଂ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ କାରବାର ବୃଦ୍ଧି ପାଉଛି । ଭାରତର ବୈଷୟିକ ଜ୍ଞାନକୌଶଳ

ଭିତ୍ତିଭୂମି ଏବଂ ଉତ୍ପାଦନ ଶିଳ୍ପରେ କତାର୍‌ର କମ୍ପାନୀ ଗୁଡ଼ିକ ପୁଞ୍ଜିନିବେଶ କରିଥିବା ବେଳେ ଭାରତୀୟ କମ୍ପାନୀ ଗୁଡ଼ିକ ମଧ୍ୟରେ ସେଠାରେ ଦୃଢ଼ ଉପସ୍ଥିତି ସାବ୍ୟସ୍ତ କରିଛନ୍ତି ।

ପରିବହନ, ବିମାନ ବନ୍ଦର, ରେଳବାଇ, ରାଜପଥ, ବୈଷୟିକ ଜ୍ଞାନ, ଉଦ୍ଭାବନ, ବୈଦ୍ୟୁତିକ ଯାନ ଏବଂ ଅକ୍ଷୟଶକ୍ତି କ୍ଷେତ୍ରରେ ଭାରତ କତାର୍ ସହ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପ୍ରସାରଣ ଲାଗି ଲକ୍ଷ୍ୟ ରଖିଥିବା କୁହାଯାଇଛି ।

## ଇସିଆଇ-ସିଇସି

ଦେଶର ମୁଖ୍ୟ ନିର୍ବାଚନ କମିଶନ୍ ରାଜୀବ କୁମାରଙ୍କ କାର୍ଯ୍ୟକାଳ ଆଜି ଶେଷ ହେଉଛି । ତାଙ୍କ ସ୍ଥାନରେ ନୂଆ ମୁଖ୍ୟ ନିର୍ବାଚନ କମିଶନର ଭାବେ ଜ୍ଞାନେଶ କୁମାର ନିଯୁକ୍ତି ପାଇଛନ୍ତି । ଶ୍ରୀ ଜ୍ଞାନେଶ କୁମାର ହେଉଛନ୍ତି ୧୯୮୮ ବ୍ୟାଚ୍‌ର କେରଳ କ୍ୟାଡର୍‌ର ଜଣେ ପୂର୍ବତନ ଆଇ.ଏ.ଏସ୍. ଅଧିକାରୀ । ସେ ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ସଚିବ ଭାବେ କାର୍ଯ୍ୟ କରିଛନ୍ତି ।

ଅନ୍ୟ ପକ୍ଷରେ ବିବେକ ଯୋଶୀଙ୍କୁ ନୂଆ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ଯୋଶୀ ହରିଆଣା କ୍ୟାଡର୍‌ର ୧୯୮୯

ବ୍ୟାଚ୍‌ର ଆଇ.ଏ.ଏସ୍. ଅଧିକାରୀ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ କମିଶନରଙ୍କୁ ନିଯୁକ୍ତି ଦେଇଛନ୍ତି ।

## ଅମିତ ଶାହା-କ୍ରିମିନାଲ୍ ଲ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଜାମ୍ମୁ କାଶ୍ମୀରରେ ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ ସମୀକ୍ଷା କରିବେ । ମୁଖ୍ୟମନ୍ତ୍ରୀ ଓମାର୍ ଅବଦୁଲ୍ଲା ଏବଂ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । ବୈଠକରେ ପୁଲିସ୍, ଜେଲ୍, ଅଦାଲତ ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯିବ ।

ବିଶେଷ କରି ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ସାକ୍ଷ୍ୟ ନିୟମ ସହ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗର କାର୍ଯ୍ୟକାରିତାକୁ ନେଇ ମନ୍ତ୍ରୀ ଶ୍ରୀ ଶାହା ସମୀକ୍ଷା କରିବେ । ବୈଠକରେ କେନ୍ଦ୍ର ଗୃହ ସଚିବ, ଜାମ୍ମୁ କାଶ୍ମୀର ମୁଖ୍ୟ ଶାସନ ସଚିବ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଏବଂ କେନ୍ଦ୍ର ଓ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଯୋଗଦେବେ ।

## ମହାକୁମ୍ଭ

କାଶି-ତାମିଲ୍ ସଙ୍ଗମମ୍ ତୃତୀୟର ୨୦୦ ପ୍ରତିନିଧି ପ୍ରୟାଗରାଜ ମହାକୁମ୍ଭ ସଙ୍ଗମରେ ସ୍ନାନ କରିଛନ୍ତି । ତାମିଲ୍‌ନାଡୁ ଏବଂ କାଶି ମଧ୍ୟରେ

ପ୍ରାଚୀନ ସଭ୍ୟତାରୁ ଥିବା ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମର ଅଂଶ ଭାବରେ ଏହି ଦଳ ବାରଣାସୀରୁ ଆସି ପ୍ରୟାଗରାଜରେ ପହଞ୍ଚିଥିଲା । ପ୍ରୟାଗରାଜ ମହାକୁମ୍ଭ ମଧ୍ୟ ଉତ୍ତର ଓ ଦକ୍ଷିଣ ଭାରତୀୟ ସଂସ୍କୃତିର ସଂଗମ ସ୍ଥଳ ପାଲଟିଛି । ଦକ୍ଷିଣ ଭାରତରୁ କାଶି-ତାମିଲ୍ ସଙ୍ଗମମ୍‌ର ପ୍ରଥମ ଦଳ ଗତକାଲି ମହାକୁମ୍ଭରେ ପହଞ୍ଚିଛନ୍ତି । ମହାକୁମ୍ଭ ମେଳା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିଥି ଦଳକୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

ଏହି ଗସ୍ତ ପରେ କାଶି-ତାମିଲ୍ ସଙ୍ଗମମ୍‌ର ଶ୍ରୀଧର ରାଧାକ୍ରିଷ୍ଣନ କହିଛନ୍ତି, ସଙ୍ଗମରେ ସ୍ନାନ କରିବା ହେଉଛି ଦିବ୍ୟ ଅନୁଭୂତି ପ୍ରାପ୍ତ କରିବା । ସେହିପରି ମହାକୁମ୍ଭ କେବଳ ଏକ ସାଂସ୍କୃତିକ ସଂଗମ ସ୍ଥଳୀ ନୁହେଁ ବରଂ ବିଶ୍ୱ ସଂସ୍କୃତି ଏବଂ ଭ୍ରାତୃଭାବର ମିଳନ ସ୍ଥଳୀ ବୋଲି ଅତିଥିମାନେ କହିଛନ୍ତି । ପ୍ରାଚୀନ ଭାରତର ଶିକ୍ଷା ଓ ସଂସ୍କୃତିର ଦୁଇଟି ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ବାରାଣାସୀ ଏବଂ ତାମିଲନାଡୁ ମଧ୍ୟରେ ଥିବା ସମ୍ପର୍କକୁ ପୁନରୁଦ୍ଧାର କରିବା ପାଇଁ ସଙ୍ଗମମ୍ ଆୟୋଜନ କରାଯାଉଛି । କୁମ୍ଭ ପ୍ରଦର୍ଶନୀ ଦେଖିବା ପରେ କାଶି-ତାମିଲ୍ ସଙ୍ଗମମ୍ ଦଳ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଥିଲେ ।

# ଧର୍ମେନ୍ଦ୍ର ପ୍ରଧାନ

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ସମସ୍ତ ଭାରତୀୟଙ୍କ ପାଇଁ ଏକ ସାମୂହିକ ଲକ୍ଷ୍ୟ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେ କହିଛନ୍ତି, ପରବର୍ତ୍ତୀ ୨୨ରୁ ୨୫ ବର୍ଷ ହେଉଛି ଅମୃତ କାଳ, ଯେଉଁ ସମୟ ମଧ୍ୟରେ ଭାରତ ଅନେକ ଗୁଡ଼ିଏ କ୍ଷେତ୍ରରେ ଶିଖରରେ ପହଞ୍ଚିବା ଲାଗି ଉଦ୍ୟମ ଆରମ୍ଭ କରିଛି । ଦିଲ୍ଲୀ ସ୍ଥିତ ହିନ୍ଦୁ ମହାବିଦ୍ୟାଳୟର ୧୨୬ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଏକବିଂଶ ଶତାବ୍ଦୀର ଗବେଷଣା, ଉଦ୍ଭାବନ, ଉଦ୍ୟୋଗ ଏବଂ ସମାଧାନର କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠା କରିବା ଲାଗି ଲକ୍ଷ୍ୟ ରଖିବା ଉଚିତ୍ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ନୂଆ ଶିକ୍ଷା ନୀତିରେ ଏଭଳି ବ୍ୟବସ୍ଥା କରାଯାଇଛି ଯାହା ଫଳରେ ଯୁବପିଢ଼ି ନିଯୁକ୍ତି ପାଇବା ପଛରେ ନ ଦଉଡ଼ି ଅନ୍ୟ ପାଇଁ ନିଯୁକ୍ତି ସୃଷ୍ଟିକାରୀ ହୋଇପାରିବେ ।

**V/O**

# ସିବିଏସ୍ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପରିଚାଳିତ ୨୦୨୫ ବୋର୍ଡ ପରୀକ୍ଷା ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ଅଭିଯୋଗକୁ ବୋର୍ଡ୍ ଖଣ୍ଡନ କରିଛି । କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ହେବା ଗୁଜବ ପ୍ରଚାର କରୁଛନ୍ତି । ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଅଯଥା ଭୟ ସୃଷ୍ଟି କରିବା ଲାଗି ଏଭଳି କରାଯାଉଥିବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ କହିଛି । ଏଭଳି ଗୁଜବ ପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସି.ବି.ଏସ୍.ଇ. ପକ୍ଷରୁ ସୂଚନା ଦିଆଯାଇଛି ।

ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଏପ୍ରିଲ୍ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ସଠିକ୍ ସୂଚନା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ **cbse.gov.in** ୱେବ୍‌ସାଇଟ୍‌ର ସହାୟତା ନେବାକୁ କୁହାଯାଇଛି ।

# ନେପାଳ ପିଏମ୍-ଓଡ଼ିଶା

ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରେ ଉପୁଜିଥିବା ପରିସ୍ଥିତିରେ ମୁକାବିଲା

ଲାଗି ନେପାଳ ସରକାର କୂଟନୈତିକ ସ୍ତରରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ସେଠାକାର ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି କହିଛନ୍ତି । ଗତ ରବିବାର ସନ୍ଧ୍ୟାରେ ଜଣେ ନେପାଳି ଛାତ୍ରୀଙ୍କ ମୃତ୍ୟୁ ପରେ ବିଶ୍ୱବିଦ୍ୟାଳୟରେ ଘଟିଥିବା ଘଟଣାକୁ ଦୃଷ୍ଟିରେ ରଖି ଶ୍ରୀ ଓଲି କହିଛନ୍ତି, ନୂଆଦିଲ୍ଲୀ ସ୍ଥିତ ନେପାଳ ଦୂତାବାସର ଦୁଇ ଜଣ ଅଧିକାରୀ ନେପାଳି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ଲାଗି ଦାୟିତ୍ୱ ଦିଆଯାଇଛି ।

ଏହି ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ନେପାଳି ଛାତ୍ରଛାତ୍ରୀମାନେ ମୃତକଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି । ନେପାଳ ଦୂତାବାସ ପକ୍ଷରୁ କୁହାଯାଇଛି, ଭାରତ ସରକାର ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ।

## ନ୍ୟାସନାଲ୍ ପାରା ଆଥ୍‌ଲେଟିକ୍ସ(ପିଟିଆଇ)

ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନସିପ୍‌ର ୨୩ତମ ସଂସ୍କରଣ ଆଜି ଆରମ୍ଭ ହେବ। ଚେନ୍ନାଇ ସ୍ଥିତ ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧ ହଜାର ୪୭୬ ଜଣ ପାରା ଆଥ୍‌ଲେଟ୍ ଭାଗ ନେବେ । ଚେନ୍ନାଇ ପକ୍ଷରୁ ପ୍ରଥମଥର ପାଇଁ ଏହି ଚାମ୍ପିୟନସିପ୍ ଆୟୋଜନ କରାଯାଉଛି । ଏଥିରେ ୩୦ଟି ଦଳ

୧୫୫ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ । ପ୍ରତିଯୋଗିତାରେ ଜାଭେଲିନ୍‌ରେ ସୁମିତ ଆଣ୍ଟିଲ୍, ହ୍ୱିଲ୍ ଚେୟାର୍ ରେସିଂରେ ମନୋଜ ସବାପଥୀ, ସଟ୍‌ପୁଟ୍‌ରେ ମନୋଜ ସିଙ୍ଗରାଜ, ହାଇଜମ୍ପରେ ମରିୟାପ୍ପା ଥାଙ୍ଗଭେଲୁ ପ୍ରମୁଖ ଅଂଶଗ୍ରହଣ କରିବେ ।

# ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୮ ଓ୍ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି । ଗତକାଲି ସନ୍ଧ୍ୟାରେ ଭଦୋଦରାର କୋଟାମ୍ବି  ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭର ଗୋଟିଏ ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୪୧ରନ୍  ସ୍କୋର କରିଥିଲା । ଏହାର ଜବାବରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୧୬ ଓଭର ୨ଟି ବଲ୍‌ରେ ମାତ୍ର ୨ ଓ୍ୱିକେଟ୍ ବିନିମୟରେ ୧୪୬ରନ୍ ସ୍କୋର କରିଥିଲା ।

ଆଜି ସନ୍ଧ୍ୟାରେ ସେହି ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଗୁଜରାଟ ଜାଏଣ୍ଟସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ମନୁ ଭାକର

ପ୍ୟାରିସ୍ ଅଲିମ୍ପିକ୍ସରେ ଉନ୍ନତ ପ୍ରଦର୍ଶନ ପାଇଁ ଭାରତୀୟ ସୁଟର ମନୁ ଭାକରଙ୍କୁ ବି.ବି.ସି. ଇଣ୍ଡିଆନ୍ ସ୍ପୋର୍ଟସ୍ ଓମ୍ୟାନ୍ ଅଫ୍ ଦି ଇୟର୍ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ମନୁଙ୍କ ସମେତ ଗଲ୍ଫ ଖେଳାଳି ଅଦିତି ଅଶୋକ, ପାରା ସୁଟର ଅବନୀ ଲେଖାରା, କ୍ରିକେଟ୍‌ର ସ୍ମୃତି ମନ୍ଧାନା ଏବଂ କୁସ୍ତି ଯୋଦ୍ଧା ଭିନେଶ୍ ଫୋଗଟ୍‌ଙ୍କୁ ସେମାନଙ୍କ ପ୍ରଦର୍ଶନ ପାଇଁ ମନୋନୀତ କରାଯାଇଛି । ଖେଳାଳିମାନଙ୍କୁ ମନୋନୀତ କରିବା ଲାଗି କ୍ରୀଡ଼ା ସାମ୍ବାଦିକ ଏବଂ ଲେଖକମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା । ପ୍ୟାରିସ୍ ଅଲିମ୍ପିକ୍ସରେ ଦୁଇଟି କାଂସ୍ୟ ପଦକ ଜିତି ୨୨ ବର୍ଷୀୟ ମନୁ ପ୍ରଥମ ଭାରତୀୟ କ୍ରୀଡ଼ାବିତ୍ ଭାବେ ଗୋଟିଏ ଅଲିମ୍ପିକ୍ସରେ ଏକାଧିକ ପଦକ ଜିତିଥିଲେ ।